# ଅଧ୍ୟାୟ 3

## ପିଏମ୍ଏସ୍ ଏବଂ ମେଧାବୃତ୍ତି ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ଡିବିଟିର ଢାଞ୍ଚା ଗ୍ରହଣ ନକରିବା

ଏହି ଅଧ୍ୟାୟ ଡିବିଟି ପଦ୍ଧତିରେ ପିଏମ୍ଏସ୍ ଏବଂ ମେଧାବୃତ୍ତି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରିଥିବା ପ୍ରସ୍ତୁତି ପଦକ୍ଷେପ ଉପରେ ଧ୍ୟାନ ଦେଇଥାଏ । ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଡିବିଟି ପାଇଁ ଏକ ରାଜ୍ୟ ଡିବିଟି ସେଲ୍ (ଏସ୍ଡିସି) ପ୍ରତିଷ୍ଠା ପାଇଁ ଯୋଜନା କରାଯାଇଥିଲା, ଯାହା ରାଜ୍ୟରେ ଡିବିଟି ସମ୍ପାଦନା ସହିତ ଜଡ଼ିତ ସମସ୍ତ କାର୍ଯ୍ୟକଳାପ ଏବଂ ପ୍ରସଙ୍ଗ ଗୁଡ଼ିକ ପାଇଁ ଏକ ନୋଡାଲ ପଏଣ୍ଟ ଭାବରେ କାର୍ଯ୍ୟ କରିବ । ଯୋଜନାଗୁଡ଼ିକୁ ଡିବିଟି ପଦ୍ଧତିକୁ ନିର୍ବିଘ୍ନ ଭାବରେ ରୂପାନ୍ତର ପାଇଁ ଡିବିଟି ସେଲ୍‌କୁ ସରକାରୀ ବିଭାଗ ଏବଂ ବିଭିନ୍ନ ହିତାଧିକାରୀଙ୍କ ସହ ସମନ୍ୱୟ ଏବଂ ଯୋଗାଯୋଗ ରକ୍ଷା କରିବାର ଥିଲା । ରାଜ୍ୟ ଡିବିଟି ସେଲ୍‌ର ସହାୟକ କାର୍ଯ୍ୟକଳାପ ନିର୍ବାହନ ପାଇଁ ରାଜ୍ୟ ଡିବିଟି ସେଲ୍‌ର ବୈଷୟିକ, ଅଣ ବୈଷୟିକ, ଆର୍ଥିକ ଏବଂ ପ୍ରଶାସନିକ କାର୍ଯ୍ୟ ପାଇଁ ସହାୟତା ସ୍ତର ରହିବା ଉଚିତ୍ । ଅଡିଟ୍‌ରେ ରାଜ୍ୟ ଡିବିଟି ସେଲ୍ ତଥା କାର୍ଯ୍ୟକାରୀ ବିଭାଗଗୁଡ଼ିକର ରେକର୍ଡ ଯାଞ୍ଚ କରାଯାଇଥିଲା ଏବଂ ନିମ୍ନଲିଖିତ ପର୍ଯ୍ୟବେକ୍ଷଣଗୁଡ଼ିକ ଲକ୍ଷ୍ୟ କରାଯାଇଥିଲା:

- ରାଜ୍ୟ ପରାମର୍ଶଦାତା କମିଟି (ଏସ୍ଏସି) ର ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)ର ପ୍ରତିନିଧିତ୍ୱ ନଥିବାରୁ ଡିବିଟିର କାର୍ଯ୍ୟକାରିତା ପାଇଁ ଆନୁଷ୍ଠାନିକ ଢାଞ୍ଚାର ଅଭାବ ଥିଲା । ଏହିପରି ଭାବରେ ରାଜ୍ୟ ପରାମର୍ଶଦାତା କମିଟି, ଡିବିଟିକୁ ସଫଳତା ପୂର୍ବକ ଚାଲୁ କରିବା ପାଇଁ ଏନ୍‌ପିସିଆଇର ମୂଲ୍ୟବାନ ଇନ୍‌ପୁଟରୁ ବଞ୍ଚିତ ରହିଲା ।
- ଅଦ୍ୟତନ ସିଡେଡ୍ ବ୍ୟାଙ୍କ ଆକାଉଣ୍ଟ ଏବଂ ବ୍ୟାଙ୍କ୍ ଆକାଉଣ୍ଟଗୁଡ଼ିକର ସ୍ଥିତି (ନିଷ୍କ୍ରିୟ/ ଅଚଳ) ଚିହ୍ନଟ ପାଇଁ ରାଜ୍ୟ ଡିବିଟି ପୋର୍ଟାଲ (ଏସ୍‌ଡିପି) ରେ ଏନ୍‌ପିସିଆଇର 'ଭି-ଲୁକ୍‌ଅପ୍ ୱେବ୍ ସେବା ଏବଂ ବ୍ୟାଙ୍କ ଆକାଉଣ୍ଟ ସ୍ଥିତି' ସେବା ବ୍ୟବହାର କରିବା ପାଇଁ ଏନ୍‌ପିସିଆଇର ସମ୍ମତି ଥିବା ସତ୍ତ୍ୱେ ତାହା ବ୍ୟବହୃତ ହୋଇନଥିଲା ଯେହେତୁ ପିଏମ୍ଏସ୍ ହିତାଧିକାରୀଙ୍କ 3,12,823 ବ୍ୟାଙ୍କ ଆକାଉଣ୍ଟ ମଧ୍ୟରୁ 2,41,870 ବ୍ୟାଙ୍କ ଆକାଉଣ୍ଟ ଆଧାର ବିହୀନ ହୋଇଥିଲା ଏବଂ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ ଏବଂ ଭୁଲ୍ ବ୍ୟାଙ୍କ ଆକାଉଣ୍ଟରେ କ୍ରେଡିଟ୍ ଯୋଗୁଁ ଉଭୟ ପିଏମ୍ଏସ୍ ଏବଂ ମେଧାବୃତ୍ତି ବିଫଳ ବ୍ୟାଙ୍କ କାରବାର ଜନିତ ସମସ୍ୟା ସହିତ ଜଡ଼ିତ ଥିଲା । ଏନ୍‌ପିସିଆଇର ସେବା ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାର ସୁବିଧା ସିଧାସଳଖ ପଠାଇବା ପାଇଁ ଉତ୍ତମ ମାର୍ଗଦର୍ଶନ ପ୍ରଦାନ କରିପାରିଥାନ୍ତା ।
- ପିଏମ୍ଏସ୍ ଏବଂ ମେଧାବୃତ୍ତି ଯୋଜନା କାର୍ଯ୍ୟକାରୀ କରୁଥିବା ଯଥାକ୍ରମେ ଉଭୟ ଏସ୍ଏସ୍‌ଡି ଏବଂ ଉଚ୍ଚଶିକ୍ଷା ବିଭାଗରେ ଡିବିଟି ସେଲ୍/ କମିଟି ଗଠନ କରାଯାଇ ନଥିଲା । ଆହୁରି ମଧ୍ୟ ରାଜ୍ୟ ଡିବିଟି ସେଲ୍‌ର ନିର୍ଦ୍ଦେଶ ସତ୍ତ୍ୱେ ଦୁଇ ବିଭାଗ ଦ୍ୱାରା କୌଣସି ଡିବିଟି ନୋଡାଲ ଅଧିକାରୀଙ୍କୁ ମନୋନୀତ କରାଯାଇ ନଥିଲା ।
- ସଠିକ୍ ଦେୟ ତଥ୍ୟର ପ୍ରକୃତ ସମୟ ଅଦ୍ୟତନ ପାଇଁ ସ୍କିମ୍ ସଫ୍ଟୱେୟାର ରାଜ୍ୟ ଡିବିଟି ପୋର୍ଟାଲ ସହିତ ସମକାଳିନ ହେବାରେ ବିଫଳ ହୋଇଥିଲା ।

## 3.1 ରାଜ୍ୟରେ ଡିବିଟିର କାର୍ଯ୍ୟାନ୍ୱୟନ

ରାଜ୍ୟ ଗୁଡ଼ିକରେ ଡିବିଟି ପାଇଁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଏକ ରାଜ୍ୟ ସ୍ତରୀୟ ଡିବିଟି ପରାମର୍ଶଦାତା କମିଟିର ମାର୍ଗଦର୍ଶନରେ ଏକ ରାଜ୍ୟ ଡିବିଟି ସେଲ୍ (ଏସ୍‌ଡିସି) ପ୍ରତିଷ୍ଠା ପାଇଁ ଧାର୍ଯ୍ୟ କରାଯାଇଥିଲା । ରାଜ୍ୟରେ ଡିବିଟି ପ୍ରବର୍ତ୍ତନ ସହିତ ଜଡ଼ିତ ସମସ୍ତ କାର୍ଯ୍ୟକଳାପ ଏବଂ ପ୍ରସଙ୍ଗଗୁଡ଼ିକ ପାଇଁ ଏକ ନୋଡାଲ ପଏଣ୍ଟ ଭାବରେ ଏସ୍‌ଡିସି କାର୍ଯ୍ୟ କରିବ ।

ଯେହେତୁ ଡିବିଟି ଏକ ପରିବେଶରେ କାର୍ଯ୍ୟ କରେ ଯେଉଁଥିରେ ଏକାଧିକ ହିତାଧିକାରୀ ଜଡ଼ିତ, ତେଣୁ ସରକାରୀ ବିଭାଗ ଏବଂ ବିଭିନ୍ନ ହିତାଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରିବା ଏବଂ ସ୍କିମ ଗୁଡ଼ିକୁ ଡିବିଟି ମୋଡକୁ ନିରନ୍ତର ରୂପାନ୍ତର କରିବା ହେଉଛି ଏସ୍‌ଡିସିର ପ୍ରାଥମିକ ଦାୟିତ୍ୱ । ଆହୁରି ମଧ ଡିବିଟି ସେଲ୍‌ର କାର୍ଯ୍ୟନିର୍ବାହୀ ସଂସ୍ଥାକୁ ସାମଗ୍ରିକ ଭାବରେ ସୁଦୃଢ଼ କରିବା ପାଇଁ ପରାମର୍ଶ ଦାତା ଏବଂ ପରାମର୍ଶ ଯୋଗାଇବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶାବଳୀରେ ଏକ ରାଜ୍ୟସ୍ତରୀୟ ପରାମର୍ଶଦାତା କମିଟି ଗଠନ ଆବଶ୍ୟକ ।

ଏସ୍‌ଡିସିର କାର୍ଯ୍ୟକାରିତା ଅଂଶ ବିଷୟରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀରେ[14] ଧାର୍ଯ୍ୟ କରାଯାଇଥିଲା ଯେ ସେଲ୍ ତିନୋଟି ମୁଖ୍ୟ ବର୍ଗର ସଂଯୋଜକ (ବୈଷୟିକ, ଅଣବୈଷୟିକ, ଆର୍ଥିକ ଓ ପ୍ରଶାସନିକ)ର ଏକ କାର୍ଯ୍ୟକାରିତା ସହାୟତା ସ୍ତରକୁ ଅନ୍ତର୍ଭୁକ୍ତ କରେ, ଯେଉଁମାନେ ଏସ୍‌ଡିସିର ସହାୟକ କାର୍ଯ୍ୟକଳାପ କରିବା ପାଇଁ ଦାୟୀ ରହିବେ ।

ରାଜ୍ୟ ଅର୍ଥ ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଓଡ଼ିଶାରେ ଡିବିଟି ସେଲ୍ ଅକ୍ଟୋବର 2016 ପ୍ରତିଷ୍ଠା କରାଯାଇଥିଲା । ବିଭିନ୍ନ ହିତାଧିକାରୀଙ୍କ ଭୂମିକା ଏବଂ ଦାୟିତ୍ୱବୋଧକୁ ଧାରଣ କରି ଏସ୍‌ଡିସି ଦ୍ୱାରା ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରଣାଳୀ (ଏସ୍‌ଓପି) ପ୍ରସ୍ତୁତ କରାଯାଇଥିଲା ଏବଂ ଯୋଜନାରେ ଡିବିଟି ଲାଗୁ କରୁଥିବା ସମସ୍ତ ବିଭାଗ ମଧରେ (ଡିସେମ୍ବର 2018) ପ୍ରଚାର କରାଯାଇଥିଲା । ଏହି ଏସ୍‌ଓପି ଅନୁଯାୟୀ ଏସ୍‌ଡିସିର ଦାୟିତ୍ୱ ନିମ୍ନଲିଖିତ ଥିଲା :

- ଡିବିଟି ପୋର୍ଟାଲରେ ସ୍କିମ୍ ଗୁଡ଼ିକର ଉପସ୍ଥାପନା
- ଏନ୍‌ପିସିଆଇ ସର୍ଭର ସହିତ ଆଧାର ନମ୍ବର ସଂଯୋଗ କରିବାକୁ ସମସ୍ତ ବିଭାଗ ପାଇଁ ଉପଭୋକ୍ତା ଡାଟାବେସ୍ ପ୍ରସ୍ତୁତି
- ରାଜ୍ୟ ବିଭାଗ ଏବଂ ଯୋଜନା ପାଇଁ ତଥ୍ୟ ସଂଗ୍ରହ ଏବଂ ବିଶ୍ଳେଷଣ କରିବା
- ବିଭିନ୍ନ ବିଭାଗ ଏବଂ ବୈଷୟିକ ସହାୟତା ଦଳରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିବା ଯେପରିକି ଆଧାର ନାମଲେଖା, ହିତାଧିକାରୀଙ୍କ ସଂଖ୍ୟା, ସକ୍ରିୟ ବ୍ୟାଙ୍କ ଆକାଉଣ୍ଟ ସଂଖ୍ୟା, ଆଧାର ସଂଯୁକ୍ତିକରଣ ସଂଖ୍ୟା ଇତ୍ୟାଦି
- ଲକ୍ଷ୍ୟ ସହିତ ପ୍ରତ୍ୟେକ ବିଭାଗର ଅଗ୍ରଗତି ଉପରେ ନଜର ରଖିବା
- ବିଭିନ୍ନ ଯୋଜନାରେ ଡିବିଟି କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ପ୍ରକାରର ପ୍ରଯୁକ୍ତି ବିଦ୍ୟା ସହାୟତାକୁ ସୁଗମ କରିବା
- ସମସ୍ତ ସଂପୃକ୍ତ ହିତାଧିକାରୀଙ୍କ ସହିତ କଥାବାର୍ତ୍ତା ଏବଂ ଯୋଗାଯୋଗ କରିବା
- ଡିବିଟି ଉପରେ ରାଜ୍ୟ ଅଧିକାରୀଙ୍କ ତାଲିମ ଏବଂ ଦକ୍ଷତା ବିକାଶ କରିବା

ରାଜ୍ୟରେ ବିଶେଷ କରି ଏସ୍‌ଟି ଏବଂ ଏସ୍‌ସି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିଭାଗ (ଏସ୍‌ଏସ୍‌ଡି ବିଭାଗ)ଙ୍କ ଅଧୀନରେ ଥିବା ଏସ୍‌ସି/ ଏସ୍‌ଟି/ ଓବିସି/ ଇବିସି ପାଇଁ ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି ଯୋଜନାରେ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧିନରେ ଥିବା ମେଧାବୃତ୍ତି ଯୋଜନାରେ ଡିବିଟିର କାର୍ଯ୍ୟକାରିତା ପାଇଁ ପ୍ରସ୍ତୁତ ହୋଇଥିବା ଢାଞ୍ଚା ଏବଂ ଏସ୍‌ଡିସି ଦ୍ୱାରା ଆରମ୍ଭ ହୋଇଥିବା ପ୍ରସ୍ତୁତି ପ୍ରଣାଳୀକୁ ଅଡିଟ୍ ବିଶ୍ଳେଷଣ କରିଥିଲା । ଏଥିରେ ଥିବା ପର୍ଯ୍ୟବେକ୍ଷଣଗୁଡ଼ିକ ଏହି ଅଧାୟରେ ବର୍ଣ୍ଣନା କରାଯାଇଛି ।

---

14 ରାଜ୍ୟ ପ୍ରୋଟୋକଲ ଡକୁମେଣ୍ଟସରେ ଡିବିଟି ଅନ୍ତର୍ଭୁକ୍ତ (ଜୁନ୍ 2017)

## 3.2 ଡିବିଟିର କାର୍ଯ୍ୟକାରିତା ପାଇଁ ଆନୁଷ୍ଠାନିକ ଢାଞ୍ଚା

### 3.2.1 ଡିବିଟି ଦେୟ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ଏନ୍‌ପିସିଆଇ ସେବା ଗୁଡ଼ିକର ଅଣ-ଉପଯୋଗ ଏବଂ ହିତାଧିକାରୀଙ୍କ ବିନା ରାଜ୍ୟ ପରାମର୍ଶଦାତା କମିଟି ଗଠନ

ରାଜ୍ୟରେ ଡିବିଟି କାର୍ଯ୍ୟକାରୀ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀରେ ଦର୍ଶାଯାଇଛି ଯେ, ବିଭିନ୍ନ ସକ୍ଷମକାରୀ ପ୍ରତିନିଧି ଏବଂ ହିତାଧିକାରୀଙ୍କ ପ୍ରତିନିଧିମାନଙ୍କୁ ନେଇ ଏକ ରାଜ୍ୟ ପରାମର୍ଶଦାତା ମଣ୍ଡଳୀ ଗଠନ କରାଯିବା କଥା, ଯେପରିକି ଡିବିଟି ଯୋଜନା କାର୍ଯ୍ୟକାରୀ କରୁଥିବା ସରକାରୀ ବିଭାଗ, ୟୁନିକ୍ ଆଇଡେଣ୍ଟିଫିକେସନ୍ ଅଥରିଟୀ ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ), ଜାତୀୟ ସୂଚନା କେନ୍ଦ୍ର (ଏନ୍‌ଆଇସି), ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ), ଇତ୍ୟାଦି ।

ଅଡିଟ୍ ଏହା ଉଲ୍ଲେଖ କରିଛି ଯେ ଓଡ଼ିଶା ସରକାର (ସେପ୍ଟେମ୍ବର 2016) ଏକ ରାଜ୍ୟ ପରାମର୍ଶଦାତା କମିଟି[15] (ଏସ୍‌ଏସି) ଗଠନ କରିଥିଲେ ଯେଉଁଥିରେ ସାତଟି ସରକାରୀ ବିଭାଗ, ଏନ୍‌ଆଇସି, ୟୁଆଇଡିଏଆଇ ଇତ୍ୟାଦିର ପ୍ରତିନିଧିମାନେ ଅନ୍ତର୍ଭୁକ୍ତ ଥିଲେ । କିନ୍ତୁ ଏନ୍‌ପିସିଆଇ ତରଫରୁ ବୋର୍ଡରେ କୌଣସି ପ୍ରତିନିଧିତ୍ୱ ନଥିଲା ।

ରାଜ୍ୟ ଡିବିଟି ପୋର୍ଟାଲରେ ଏନ୍‌ପିସିଆଇର ଆଧାର ମ୍ୟାପ୍‌ର ଲୁକ୍‌ଅପ୍ ଉପଲବ୍ଧ କରିବାକୁ ଏସ୍‌ଡିସି ନିଷ୍ପତ୍ତି ନେଇଥିଲେ (ଅପ୍ରେଲ 2018) ଯାହା ସର୍ବଶେଷ ସିଡେଡ୍ ବ୍ୟାଙ୍କ ଆକାଉଣ୍ଟ ଏବଂ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକର ସ୍ଥିତି (ନିଷ୍କ୍ରିୟ/ ଅଚଳ) ଚିହ୍ନଟ କରିବା । ଏହି ଉଦ୍ଦେଶ୍ୟ ପାଇଁ ଏନ୍‌ପିସିଆଇକୁ ୱେବ୍ ସେବା ମାଧ୍ୟମରେ ସୁବିଧା ଯୋଗାଇବା ସହଯୋଗ ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା ଯାହା ରାଜ୍ୟ ଡିବିଟି ପୋର୍ଟାଲ ସହିତ ଏକୀକୃତ ହୋଇପାରିବ । ଏସ୍‌ଡିସି (ଫେବୃଆରୀ 2019) ର ଅନୁରୋଧରେ ଏନ୍‌ପିସିଆଇ ସେମାନଙ୍କ 'ଭି-ଲୁକ୍‌ଅପ୍ ୱେବ୍‌ସେବା ଏବଂ ବ୍ୟାଙ୍କ ଆକାଉଣ୍ଟ ସ୍ଥିତି' ବ୍ୟବହାର କରିବାକୁ ରାଜି ହେଲା । ତେବେ ଏହାପରେ ଏସ୍‌ଡିସି ଦ୍ୱାରା କୌଣସି ପଦକ୍ଷେପ ନିଆଯାଇ ନଥିଲା । ଫଳସ୍ୱରୂପ, ମାର୍ଚ୍ଚ 2021 ସୁଦ୍ଧା ରାଜ୍ୟ ଡିବିଟି ପୋର୍ଟାଲରେ ଏହା ଉପଲବ୍ଧ ହୋଇପାରି ନାହିଁ ।

ଏହା ମଧ୍ୟ ଲକ୍ଷ୍ୟ କରାଯାଇଛି ଯେ 3,12,823 ପିଏମ୍‌ଏସ୍ ହିତାଧିକାରୀଙ୍କ[16] ମଧ୍ୟରୁ 2,41,870 ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ଆଧାର ଯୁକ୍ତ ନୁହେଁ । ସୁପ୍ତ/ ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟ୍ ହେତୁ ଉଭୟ ପିଏମ୍‌ଏସ୍ ଏବଂ ମେଧାବୃତ୍ତିରେ ବିଫଳ ବ୍ୟାଙ୍କ କାରବାର ଏବଂ ଭୁଲ ବ୍ୟାଙ୍କ ଆକାଉଣ୍ଟରେ ଜମା ହେବା ଭଳି ସମସ୍ୟା ହୋଇଥିଲା । ଡିବିଟି ଯୋଜନାରେ ଏନ୍‌ପିସିଆଇର ସେବା ଗୁଡ଼ିକ ଉପଯୋଗ ହୋଇଥିଲେ ତାହା ଦେୟ ସମ୍ବନ୍ଧୀୟ ଉତ୍ତମ ମାର୍ଗଦର୍ଶନ ପ୍ରଦାନରେ ବହୁତ ଉପଯୋଗୀ ହୋଇଥାନ୍ତା ।

ତେଣୁ, ଏନ୍‌ପିସିଆଇର ସେବା ଗୁଡ଼ିକର ବ୍ୟବହାର ନହେବା ଯୋଗୁଁ 2020-21 ମଧ୍ୟରେ 7.90 କୋଟି ଟଙ୍କା କାରବାର ବିଫଳ ହୋଇଥିଲା ଯାହା ଡିବିଟି ପ୍ରକ୍ରିୟାକୁ ପ୍ରଭାବିତ କରିଥିଲା । ଏହା ବ୍ୟତୀତ 2017-21 ମଧ୍ୟରେ ଏନ୍‌ପିସିଆଇର ସେବା ପାଇବାରେ ଏସ୍‌ଏସ୍‌ଡି ବିଭାଗ ଏବଂ ଏସ୍‌ଡିସିର ନିଷ୍କ୍ରିୟତା ହେତୁ ହିତାଧିକାରୀଙ୍କୁ ଦେୟ ନ ଦେଇ ଟ୍ରେଜେରୀ ଦ୍ୱାରା ମୂଳ ସରକାରୀ ଆକାଉଣ୍ଟକୁ 27.85 କୋଟି ଟଙ୍କା ଫେରସ୍ତ ହୋଇଥିଲା ।

ଅଧିକନ୍ତୁ, ରାଜ୍ୟ ପରାମର୍ଶଦାତା କମିଟି, ଏନ୍‌ପିସିଆଇ ଏବଂ ଉଚ୍ଚଶିକ୍ଷା ବିଭାଗର କୌଣସି ପ୍ରତିନିଧିମାନଙ୍କୁ ଅନ୍ତର୍ଭୁକ୍ତ କରିନଥିଲା, ଯଦିଓ ମେଧାବୃତ୍ତି ଯୋଜନା ଡିବିଟି ମାଧ୍ୟମରେ ଜୁନ୍ 2019 ଠାରୁ କାର୍ଯ୍ୟକାରୀ କରାଯାଇଥିଲା ।

ତେଣୁ, ରାଜ୍ୟ ପରାମର୍ଶଦାତା କମିଟିରେ ଏନ୍‌ପିସିଆଇକୁ ଅନ୍ତର୍ଭୁକ୍ତ ନକରିବା କିମ୍ବା ଏହା ଦ୍ୱାରା ପ୍ରଦାନ କରାଯାଇଥିବା ସେବା ଗୁଡ଼ିକର ଉପଯୋଗ ଅଭାବରୁ ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କର ଆଧାରଯୁକ୍ତ ବ୍ୟାଙ୍କ ଆକାଉଣ୍ଟ ଦ୍ୱାରା ଚିହ୍ନଟ କରି ସଠିକତା ହାସଲ କରିବା ଦିଗରେ ନିଆଯାଇଥିବା ପଦକ୍ଷେପ ତ୍ରୁଟିପୂର୍ଣ୍ଣ ଥିଲା ।

---

15 ମୁଖ୍ୟ ସଚିବ/ ସଚିବ: ଅର୍ଥ ବିଭାଗ, ପଞ୍ଚାୟତିରାଜ ବିଭାଗ, ଇ ଏବଂ ଆଇଟି ବିଭାଗ, ଖାଦ୍ୟ ଯୋଗାଣ ଏବଂ ଉପଭୋକ୍ତା କଲ୍ୟାଣ ବିଭାଗ, ମହିଳା ଏବଂ ଶିଶୁ ବିକାଶ ବିଭାଗ, ଏସ୍‌ଏସ୍ ଏବଂ ଇପିଡି ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଏସ୍‌ସି ଏବଂ ଏସ୍‌ଟି ବିକାଶ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଏସ୍‌ଆଇଓ, ଏନ୍‌ଆଇସି, ଓଡ଼ିଶା; ନିର୍ଦ୍ଦେଶକ, ଜନଗଣନା; ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ସାଧାରଣ ପରିଚାଳକ; କନଭେନର ଏସ୍‌ଏଲ୍‌ବିସି; ଏବଂ ନିର୍ଦ୍ଦେଶକ, ଇନଷ୍ଟିଚ୍ୟୁସନାଲ ଫାଇନାନ୍ସ

16 ମେଧାବୃତ୍ତି ସମ୍ବନ୍ଧରେ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକର ଆଧାର ସଂଯୋଗ ବିଷୟରେ ସୂଚନା ଉଚ୍ଚଶିକ୍ଷା ବିଭାଗ ପାଖରେ ଉପଲବ୍ଧ ନଥିଲା

ରାଜ୍ୟ ଡିବିଟି ସେଲ୍ ଦର୍ଶାଇଲେ (ଅକ୍ଟୋବର 2022) ଯେ ଏନ୍‌ପିସିଆଇର ପ୍ରତିନିଧିମାନେ ରାଜ୍ୟ ପରାମର୍ଶଦାତା କମିଟିରେ ଅନ୍ତର୍ଭୁକ୍ତ ହେବେ । ଏହା ମଧ୍ୟ ଦର୍ଶାଇଲେ ଯେ ଓକାକ୍ ମାଧ୍ୟମରେ ସର୍ବଶେଷ ଆଧାରଯୁକ୍ତ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ପାଇଁ ଏନ୍‌ପିସିଆଇ ସେବା ଗୁଡ଼ିକ ସୁଗମ କରିଛି ଯାହା ବିଭାଗ ଗୁଡ଼ିକ ଦ୍ୱାରା ଏହି ଯୋଜନା କାର୍ଯ୍ୟକାରୀ କରିବାରେ ବ୍ୟବହୃତ ହେବ ।

***ସୁପାରିଶ 3.1:***
***ରାଜ୍ୟ ପରାମର୍ଶଦାତା କମିଟି, ଡିବିଟି କାର୍ଯ୍ୟାନ୍ୱୟନ କରୁଥିବା ସମସ୍ତ ବିଭାଗର କର୍ମଚାରୀମାନଙ୍କୁ ତଥା ଏନ୍‌ପିସିଆଇର ପ୍ରତିନିଧିଙ୍କୁ ଅନ୍ତର୍ଭୁକ୍ତ କରିବା ଉଚିତ୍ । ଡିବିଟିରୁ ଯେମିତି କେହି ବାଦ୍ ନ ପଡ଼ନ୍ତି ଏବଂ ତାହା ସମସ୍ତଙ୍କର ସ୍ୱାର୍ଥ ସହ ଜଡ଼ିତ ଥିବା ବିଷୟକୁ ନିଶ୍ଚିତ କରିବା ପାଇଁ ଆଧାର ସଂଯୁକ୍ତ ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକର ଯାଞ୍ଚ ଏବଂ ଚିହ୍ନଟ ନିମନ୍ତେ ଏନ୍‌ପିସିଆଇ ସେବାର ଲାଭ ଉଠାଇବା ଉଚିତ୍ ।***

### 3.2.2 ବିଭାଗୀୟ ଡିବିଟି ସେଲ୍ ଗୁଡ଼ିକ ଗଠନ ନକରିବା

କେନ୍ଦ୍ର ସରକାରଙ୍କ ଦ୍ୱାରା ଜୁନ୍ 2017 ଜାରି କରାଯାଇଥିବା ଡିବିଟି ରାଜ୍ୟ ପ୍ରୋଟୋକଲର ଅନୁଚ୍ଛେଦ 2.1 ରେ ଦର୍ଶାଯାଇଛି ଯେ ରାଜ୍ୟ ସ୍ତରରେ ଡିବିଟି ଢାଞ୍ଚାର ଗ୍ରହଣ ଏବଂ ବୁଝାମଣାକୁ ସକ୍ଷମ କରିବା ପାଇଁ ବିଭାଗୀୟ ସ୍ତରରେ ମଧ୍ୟ ଡିବିଟି ସେଲ୍ ଗଠନ ହେବା ଆବଶ୍ୟକ । ରାଜ୍ୟ ଡିବିଟି ସଂଯୋଜକ ମଧ୍ୟ ନିଷ୍ପତ୍ତି ନେଇଛନ୍ତି (ଅକ୍ଟୋବର ଏବଂ ଡିସେମ୍ବର 2016) ଯେ ଡିବିଟି କାର୍ଯ୍ୟାନ୍ୱୟନ କରୁଥିବା ବିଭାଗଗୁଡ଼ିକ ଏହାର ପ୍ରତ୍ୟେକ କେନ୍ଦ୍ରୀୟ/ କେନ୍ଦ୍ରୀୟ ପ୍ରାୟୋଜିତ/ ରାଜ୍ୟ କ୍ଷେତ୍ର ଯୋଜନା କାର୍ଯ୍ୟକାରୀ କରିବାକୁ ଜଣେ ନୋଡାଲ ଅଧିକାରୀଙ୍କୁ ଚିହ୍ନଟ କରିବେ ।

ଅଡିଟ୍ ଦୃଷ୍ଟିକୁ ଆସିଲା ଯେ ପିଏମ୍ଏସ୍ ଏବଂ ମେଧାବୃତ୍ତି ଯୋଜନା କାର୍ଯ୍ୟକାରୀ କରୁଥିବା ଦୁଇଟି ବିଭାଗ ଯଥା, ଏସ୍ଏସ୍‌ଡି ଏବଂ ଉଚ୍ଚଶିକ୍ଷା ବିଭାଗ ବିଭାଗ ମଧ୍ୟରୁ କୌଣସି ବିଭାଗରେ ଡିବିଟି ସେଲ୍/ କମିଟି ଗଠନ କରାଯାଇ ନଥିଲା । ଆହୁରି ମଧ୍ୟ, ରାଜ୍ୟ ଡିବିଟି ସେଲ୍‌ର ନିର୍ଦ୍ଦେଶ ସତ୍ତ୍ୱେ ଦୁଇ ବିଭାଗ ଦ୍ୱାରା କୌଣସି ଡିବିଟି ନୋଡାଲ ଅଧିକାରୀ ମନୋନୀତ ହୋଇ ନଥିଲେ ।

ଅଡିଟ୍ ଦେଖିଲେ ଯେ ଏସ୍‌ଡିସି ବିଭିନ୍ନ ବିଭାଗରେ ଡିବିଟି ନୋଡାଲ ସେଲ୍ ଗଠନ ସମ୍ପର୍କିତ କେନ୍ଦ୍ର ସରକାର ଏବଂ ବୋର୍ଡର ନିର୍ଦ୍ଦେଶନାମା ପାଳନ କରିନାହିଁ । ବିଭାଗୀୟ ସ୍ତରରେ ଏହିପରି ସୁବିଧାଜନକ ବ୍ୟବସ୍ଥାଗୁଡିକର ଅନୁପସ୍ଥିତି ଯୋଗୁଁ ବିଭିନ୍ନ ପଦକ୍ଷେପ ଯେପରିକି ଡିବିଟିର ଆବଶ୍ୟକତା ଅନୁଯାୟୀ ସଫ୍ଟୱେୟାରରେ ପରିବର୍ତ୍ତନ, ଆଧାର ସଂଯୁକ୍ତିକରଣ, ବୃତ୍ତିର ଠିକ୍ ସମୟରେ ପ୍ରକ୍ରିୟାକରଣ ଇତ୍ୟାଦି ସନ୍ତୋଷଜନକ ଭାବରେ ଗ୍ରହଣ କରାଯାଇପାରି ନଥିଲା । ଫଳସ୍ୱରୂପ, ଉଭୟ ପିଏମ୍ଏସ୍ ଏବଂ ମେଧାବୃତ୍ତି କାର୍ଯ୍ୟକାରିତା ଆବେଦନର ପ୍ରକ୍ରିୟାକରଣରେ ବିଳମ୍ବ, ଦେୟ ବିଳମ୍ବ, ଜାଲିଆତି ଉଠାଣ, ଇତ୍ୟାଦି ସମସ୍ୟାର ଆଶଙ୍କା ଥିଲା । ଏହା ମଧ୍ୟ ଡିବିଟିକୁ ସୁଗମ କରିବା ପାଇଁ ଆବଶ୍ୟକ ଆନୁଷ୍ଠାନିକ ବ୍ୟବସ୍ଥା କରିବାରେ ତ୍ରୁଟିପୂର୍ଣ୍ଣ ପଦକ୍ଷେପ ଗୁଡ଼ିକର ସୂଚକ ।

ରାଜ୍ୟ ଡିବିଟି ସେଲ୍, ପ୍ରତ୍ୟେକ ଯୋଜନା କାର୍ଯ୍ୟାନ୍ୱୟନ ବିଭାଗ ପାଇଁ ଡିବିଟି ସେଲ୍ ସୃଷ୍ଟି କରାଯିବାକୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରଣାଳୀ[17] (ଏସ୍ଓପି)ରେ ପରାମର୍ଶ ଦିଆଯାଇଥିବା ବିଷୟ ଦର୍ଶାଇଥିଲେ (ଅକ୍ଟୋବର 2022) । ତେବେ, ହିତାଧିକାରୀ ଆକାଉଣ୍ଟ ଯାଞ୍ଚ, ଏମ୍ଆଇଏସ୍ ପ୍ରସ୍ତୁତି ଏବଂ ବୃତ୍ତି ବିତରଣର ସାମଗ୍ରିକ ପର୍ଯ୍ୟବେକ୍ଷଣ ପାଇଁ ସଂପୃକ୍ତ କାର୍ଯ୍ୟକାରୀ ବିଭାଗ ଗୁଡ଼ିକ ପାଖରେ ସମର୍ପିତ ସେଲ୍‌ଗୁଡ଼ିକ ଉପଲବ୍ଧ ଥିଲା । ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ, ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଏବଂ ଡିବିଟି ଯୋଜନାର ଲକ୍ଷ୍ୟ ପୂରଣ ପାଇଁ ବର୍ଣ୍ଣିତ ପ୍ରକ୍ରିୟା ଅନୁସରଣ କରିବାକୁ ଜଣେ ସମର୍ପିତ ନୋଡାଲ ଅଧିକାରୀ ଏବଂ ଏକ ପୃଥକ ସେଲ୍ ଆବଶ୍ୟକ ।

***ସୁପାରିଶ 3.2:***
***ରାଜ୍ୟରେ ଡିବିଟି ଯୋଜନାଗୁଡ଼ିକୁ ଅଧିକ ଧ୍ୟାନ ଏବଂ ସହଯୋଗିତା ଭିତ୍ତିରେ କାର୍ଯ୍ୟକାରୀ କରିବା ପାଇଁ ଏବଂ ଯୋଜନା କାର୍ଯ୍ୟକାରୀ କରିବାରେ ରାଜ୍ୟ ଡିବିଟି ସେଲ୍ ଦ୍ୱାରା ଦର୍ଶାଯାଇଥିବା ଅଭାବକୁ ଠିକ୍ ସମୟରେ ସମାଧାନ କରାଯିବା ବିଷୟକୁ ସୁନିଶ୍ଚିତ କରିବା ପାଇଁ ସମସ୍ତ କାର୍ଯ୍ୟକାରୀ ବିଭାଗ ଗୁଡ଼ିକର ନୋଡାଲ୍ ଡିବିଟି ସେଲ୍ ପ୍ରତିଷ୍ଠାକୁ ରାଜ୍ୟ ଡିବିଟି ସେଲ୍ ସୁନିଶ୍ଚିତ କରିବା ଉଚିତ୍ ।***

---

[17] ପଦ୍ଧତି ଅନୁସରଣ କରିବା ପାଇଁ ଡିବିଟିର ଉଦ୍ଦେଶ୍ୟ ପୂରଣ କରିବା ପାଇଁ ପ୍ରତ୍ୟେକ ଡିବିଟି କାର୍ଯ୍ୟକାରୀ ବିଭାଗକୁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରଣାଳୀ (ଏସ୍ଓପି) ପ୍ରସ୍ତୁତ ଏବଂ ପ୍ରବାହିତ ହୋଇଥିଲା (ଡିସେମ୍ବର 2018)

### 3.2.3 ଅନୁସରଣ କାର୍ଯ୍ୟଗ୍ରହଣ କରିବାରେ ଅପାରଗତା

ରାଜ୍ୟରେ ଡିବିଟି କାର୍ଯ୍ୟକାରୀ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀରେ ଦର୍ଶାଯାଇଛି ଯେ ରାଜ୍ୟ ପରାମର୍ଶଦାତା କମିଟି ତ୍ରୈମାସିକ କିମ୍ବା ନିୟମିତ ବ୍ୟବଧାନରେ ଥରେ ବୈଠକ କରିବେ ଯାହା ଉଚିତ୍ ହେବ ।

ଅଡିଟ୍ ଲକ୍ଷ୍ୟ କରିଛି ଯେ ସେପ୍ଟେମ୍ବର 2016 ରେ ରାଜ୍ୟ ପରାମର୍ଶଦାତା କମିଟି ଗଠନ କରାଯାଇଥିଲା, କିନ୍ତୁ ମାର୍ଚ୍ଚ 2021 ସୁଦ୍ଧା କେବଳ ଦୁଇଟି ବୈଠକ (27 ସେପ୍ଟେମ୍ବର 2016 ଏବଂ 10 ଫେବୃଆରୀ 2017) ଅନୁଷ୍ଠିତ ହୋଇଥିଲା । ବୈଠକରେ ଅଧକ୍ଷ, ରାଜ୍ୟ ପରାମର୍ଶଦାତା ବୋର୍ଡ (ଉନ୍ନୟନ କମିଶନର ତଥା ଅତିରକ୍ତ ଶାସନ ସଚିବ, ଓଡ଼ିଶା) ଆଧାର ସଂଯୁକ୍ତିକରଣ ପାଇଁ ଏକ ସମୟସୀମା ରଣନୀତି ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ । ତେବେ ମାର୍ଚ୍ଚ 2021 ସୁଦ୍ଧା ମୋଟ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକର ମାତ୍ର 23 ପ୍ରତିଶତ ଆଧାର ସଂଯୁକ୍ତିକରଣ କରାଯାଇଛି ।

2017-21 ଅବଧି ମଧରେ ଅର୍ଥ ବିଭାଗର ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଡିବିଟି ସେଲ୍‌ର ଆଠଟି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଡିବଟି କାର୍ଯ୍ୟକାରୀ ବିଭାଗରୁ ଜଣେ ନୋଡାଲ ଅଧିକାରୀ ଚିହ୍ନଟ, ପିଏଫ୍‌ଏମ୍‌ଏସ୍ ସହିତ ସ୍କିମ୍ ସଫ୍ଟୱେୟାରର ଏକୀକରଣ ଇତ୍ୟାଦି ଉପରେ ନିଷ୍ପତ୍ତି ନିଆଯାଇଥିଲା । ତଥାପି ରାଜ୍ୟ ଡିବିଟି ସେଲ୍ ଦ୍ୱାରା ଏସ୍‌ଏସ୍‌ଡି ସହିତ ଉଚ୍ଚଶିକ୍ଷା ବିଭାଗକୁ କୌଣସି ବୈଷୟିକ ସହାୟତା ଯୋଗାଇ ଦିଆଯାଇନଥିଲା ଏବଂ ବିଭାଗ ମଧ ଏହି କାର୍ଯ୍ୟଗୁଡ଼ିକ ପୂରଣ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିନଥିଲେ ।

ଅଡିଟ୍ ଦେଖିଲେ ଯେ ଡିବିଟି ଉପରେ ରାଜ୍ୟ ପରାମର୍ଶଦାତା କମିଟି, ରାଜ୍ୟ ଡିବିଟି ସେଲ୍ ତଥା ଅର୍ଥ ବିଭାଗ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇନାହିଁ । ଫଳସ୍ୱରୂପ, ପିଏମ୍‌ଏସ୍ ଏବଂ ମେଧାବୃତ୍ତି ଅଧିନରେ ଥିବା ବୃତ୍ତି, ବ୍ୟାଙ୍କ ଆକାଉଣ୍ଟକୁ ସେମାନଙ୍କ ସଠିକତା ଏବଂ ଆଧାର ବିହୀନ ସ୍ଥିତିର ଯାଞ୍ଚ ବିନା ବଣ୍ଟନ ଜାରି ରହିଥିଲା । ଫଳସ୍ୱରୂପ କେବଳ ବୃତ୍ତି ଆବେଦନ ପ୍ରକ୍ରିୟା କରଣରେ ବିଳମ୍ବ ହୋଇନଥିଲା ବରଂ ସ୍ଥିତିବିହୀନ ହିତାଧିକାରୀଙ୍କୁ ଓ ଭୁଲ୍ ଆକାଉଣ୍ଟ ନମ୍ବରକୁ ମଧ ଦେୟ ପ୍ରଦାନ କରାଯାଇଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣଗୁଡ଼ିକ ଗ୍ରହଣ କରିବା ବେଳେ ରାଜ୍ୟ ଡିବିଟି ସେଲ୍ (ଅକ୍ଟୋବର 2022) ଦର୍ଶାଇଲେ ଯେ ରାଜ୍ୟ ପରାମର୍ଶଦାତା କମିଟି ବୈଠକ ନିୟମିତ କରିବା ପାଇଁ କରାଯାଇଥିବା ସୁପାରିଶ ବର୍ତ୍ତମାନ ଠାରୁ ପାଳନ କରାଯିବ ।

## 3.3 ଡିବିଟିର କାର୍ଯ୍ୟାନ୍ୱୟନ ପାଇଁ ଅପର୍ଯ୍ୟାପ୍ତ ପ୍ରସ୍ତୁତି

### 3.3.1 ପିଏମ୍‌ଏସ୍ ଅଧିନରେ ହିତାଧିକାରୀଙ୍କ ଚିହ୍ନଟ ଏବଂ ଅନ୍ତର୍ଭୁକ୍ତିକରଣ ନହେବା

ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଡିବିଟିର ପ୍ରାଥମିକ ଦୃଷ୍ଟିକୋଣ ହେଉଛି ଯୋଗ୍ୟ ହିତାଧିକାରୀଙ୍କୁ ସଠିକ୍ ଚିହ୍ନଟ କରି ପ୍ରାପ୍ୟ ପ୍ରଦାନ କରିବା ପ୍ରକ୍ରିୟାରେ ଆମୁଳଚୁଳ ପରିବର୍ତ୍ତନ କରି ପ୍ରକ୍ରିୟାକୁ ସୁଗମ କରିବା ଏବଂ ହିତାଧିକାରୀ ଧାର୍ଯ୍ୟ କରିବା । ଆହୁରି ମଧ, ରାଜ୍ୟ ଡିବିଟି ସେଲ୍‌ରେ ନିୟୋଜିତ ଦଳ ସାମାଜିକ ରେଜେଷ୍ଟ୍ରି ଆଧାରିତ ବିକାଶ ସମ୍ବନ୍ଧିତ ସାମାଜିକ, ଅର୍ଥନୈତିକ ଜାତି ଜନଗଣନା (ଏସ୍‌ଇସିସି)[18] ରେ ଏକ ପ୍ରମୁଖ ଭମିକା ନିର୍ବାହ କରିବା ଏବଂ ଲକ୍ଷ୍ୟ ଧାର୍ଯ୍ୟ ବଳକା ହିତାଧିକାରୀଙ୍କ ସଂଖ୍ୟା ଚିହ୍ନଟ କରିବାରେ ପଦକ୍ଷେପ ଗ୍ରହଣ କରିବା ଡ଼ିବିଟି ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଶେଷ କରି ହିତାଧିକାରୀଙ୍କ ପାଇଁ ଆଇଇସି କାର୍ଯ୍ୟକଳାପର ପରିକଳ୍ପନା ପାଇଁ ସଂପୃକ୍ତ କାର୍ଯ୍ୟକାରୀ ବିଭାଗ ସହିତ ଏସ୍‌ଡିସି ମଧ ଉତ୍ତରଦାୟୀ ଥିଲା ।

ଏହି ପରିପ୍ରେକ୍ଷୀରେ ଅଡିଟ୍ ଉଲ୍ଲେଖ କରିଛି ଯେ ଯଦିଓ ପିଏମ୍‌ଏସ୍‌କୁ ଡିବିଟି ସ୍କିମ୍ ଭାବରେ ଚିହ୍ନଟ କରାଯାଇଛି । ବୃତ୍ତି ଯୋଜନାର ଲକ୍ଷ୍ୟ ପ୍ରାପ୍ତ ହିତାଧିକାରୀଙ୍କ ଚିହ୍ନଟ ପାଇଁ ସାମାଜିକ, ଅର୍ଥନୈତିକ ଜାତି ଜନଗଣନା ତଥ୍ୟ ବିଶ୍ଳେଷଣ କରିବାକୁ ଏସ୍‌ଡିସି କିମ୍ବା ଏସ୍‌ଏସ୍‌ଡି ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ।

---

[18] ଗ୍ରାମୀଣ ବିକାଶ ମନ୍ତ୍ରାଳୟ (ଜିଓଆଇ), ସାମାଜିକ, ଅର୍ଥନୈତିକ ଏବଂ ଜାତି ଜନଗଣନା (ଏସ୍‌ଇସିସି) 2011 ଜୁନ୍ 2011 ରେ ଦେଶରେ ଘର ସହ ଜଡ଼ିତ ବହୁ ସଂଖ୍ୟକ ସାମାଜିକ ତଥା ଅର୍ଥନୈତିକ ସୂଚକାଙ୍କ ଉପରେ ସୂଚନା ସୃଷ୍ଟି କରିବା ପାଇଁ ସାରା ଦେଶରେ ଦ୍ୱାର ଦ୍ୱାର ଗଣନା ମାଧ୍ୟମରେ ଏକ ବ୍ୟାପକ ହାର ଗଣନା କରାଯାଇଥିଲା

ଏହା ସତ୍ତ୍ୱେ 2018-19 ରୁ ପିଏମ୍ଏସ୍ ବୃତ୍ତି ପାଇଥିବା ହିତାଧିକାରୀଙ୍କ ସଂଖ୍ୟାରେ ସୃଷ୍ଟି ହ୍ରାସ ଘଟିଛି ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି :

***ସାରଣୀ 3.1: 2017-21 ମଧ୍ୟରେ ପିଏମ୍ଏସ୍‌ର ହିତାଧିକାରୀ ସଂଖ୍ୟା***

| ବର୍ଗ | ହିତାଧିକାରୀ ସଂଖ୍ୟା | | | |
|---|---|---|---|---|
| | **2017-18** | **2018-19** | **2019-20** | **2020-21** |
| ଏସ୍‌ସି | 1,84,883 | 2,27,412 | 1,66,400 | 1,67,702 |
| ଏସ୍‌ଟି | 1,86,061 | 2,10,866 | 1,68,449 | 1,67,241 |
| ଓବିସି | 1,79,794 | 1,38,030 | 1,14,935 | 1,07,925 |
| ଇବିସି | 97 | 923 | 1,153 | 3,702 |

***(ଉତ୍ସ: ପ୍ରେରଣା ଏବଂ ଓଏସ୍ଏସ୍‌ପିର ଡାଟାବେସ୍)***

ରାଜ୍ୟ ଡିବିଟି ସେଲ୍ କି ଏସ୍ଏସ୍‌ଡି ବିଭାଗ ଯୋଗ୍ୟ ହିତାଧିକାରୀ ଚିହ୍ନଟ ପାଇଁ ପଦକ୍ଷେପ ନେଇ ନଥିଲେ କିମ୍ବା ପିଏମ୍ଏସ୍‌ରେ ହିତାଧିକାରୀଙ୍କ ଧାରା ହ୍ରାସ ହେବାର କାରଣ ବିଶ୍ଳେଷଣ କରିନଥିଲେ । ଫଳସ୍ୱରୂପ 2017-21 ମଧ୍ୟରେ ଏକାଦଶ ଶ୍ରେଣୀରେ ଭର୍ତ୍ତି ହୋଇଥିବା ଛାତ୍ରୀଛାତ୍ରମାନଙ୍କ ତୁଳନାରେ ପିଏମ୍ଏସ୍ ଅଧିନରେ ହିତାଧିକାରୀଙ୍କ କଭରେଜ୍ 30 ରୁ 42 ପ୍ରତିଶତ କମ୍ ରହିଥିଲା ଯାହା ପରବର୍ତ୍ତୀ ଅଧ୍ୟାୟରେ ***ଅନୁଚ୍ଛେଦ 4.4.1*** ରେ ଆଲୋଚନା ହୋଇଅଛି ।

ଅଧିକନ୍ତୁ, ଯଦିଓ ସମସ୍ତ ସଂପୃକ୍ତ ବିଭାଗକୁ ପ୍ରଚାର ପାଇଁ ଏକ ସୂଚନା ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବାକୁ ଏସ୍‌ଡିସି ଦାବି କରିଛି ତାହା ରେକର୍ଡରେ ଉପଲବ୍ଧ ନଥିଲା ।

ରାଜ୍ୟ ଡିବିଟି ସେଲ୍ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ ପିଏମ୍ଏସ୍ ଅଧିନରେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା କାର୍ଯ୍ୟକାରୀ ବିଭାଗର ମୂଳ ଦାୟିତ୍ୱ । ତେବେ, ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା, ବିଭିନ୍ନ ଯୋଜନାର ସାମାଜିକ ରେଜିଷ୍ଟ୍ରି ସୃଷ୍ଟି କରିବା ପାଇଁ ବିଭିନ୍ନ ତଥ୍ୟ (ଯେପରିକି ଏସ୍ଇସିସି ଇତ୍ୟାଦି) ବିଶ୍ଳେଷଣ କରିବା ରାଜ୍ୟ ସରକାରଙ୍କ ଦ୍ୱାରା କରାଯିବ ।

### 3.3.2 ଡିବିଟି ଉପରେ ତାଲିମ କାର୍ଯ୍ୟକ୍ରମର ଅଭାବ

ଭାରତ ସରକାରଙ୍କ ଡିବିଟିର ନିର୍ଦ୍ଦେଶାବଳୀ ଏବଂ ଏସ୍‌ଡିସି (ଡିସେମ୍ବର 2018) ଦ୍ୱାରା ପ୍ରସ୍ତୁତ ଏବଂ ପ୍ରସାରିତ ହୋଇଥିବା ଏସ୍ଓପି ଅନୁସାରେ ସେଲ୍ ମଧ୍ୟରେ ଏକ କାର୍ଯ୍ୟକାରିତା ସହାୟତା ସ୍ତର ରହିବ ଯାହା ତାଲିମ୍ ସର୍ତ୍ତାବଳୀ ସହିତ ଡିବିଟି ଉପରେ ରାଜ୍ୟ ଏବଂ ଜିଲ୍ଲା ସ୍ତରର ଅଧିକାରୀଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ଏସ୍‌ଡିସି ସର୍ତ୍ତାବଳୀ ସହିତ ଡିବିଟି ଉପରେ ରାଜ୍ୟ ଏବଂ ଜିଲ୍ଲା ସ୍ତରର ଅଧିକାରୀଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ଏସ୍‌ଡିସିକୁ ସହାୟତା ବିସ୍ତାର[19] ପାଇଁ ଦାୟୀ ରହିବ । ଜିଲ୍ଲା ସ୍ତରର ଅଧିକାରୀମାନେ ତାଲିମ୍ ଗ୍ରହଣ କରିବା ପରେ ତୃଣମୂଳ ସ୍ତରର ଅଧିକାରୀମାନଙ୍କୁ ଅଧିକ ତାଲିମ୍ ଦେବା ଉଚିତ୍ ।

ରାଜ୍ୟ ସ୍ତରରେ ଓଡ଼ିଶାରେ ଡିବିଟିର ପରିବେଶକୁ ମଜବୁତ୍ କରିବା ପାଇଁ 2017-21 ମଧ୍ୟରେ ରାଜ୍ୟ ଡିବିଟି ସେଲ୍ (ଜୁଲାଇ 2018) କେବଳ ଗୋଟିଏ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଥିଲା ଯେଉଁଥିରେ ଏସ୍ଏସ୍‌ଡି ବିଭାଗର ତିନି ଜଣ ଅଧିକାରୀଙ୍କ ସମେତ ପାଞ୍ଚଟି ବିଭାଗ[20] ଯୋଗ ଦେଇଥିଲେ କିନ୍ତୁ ଉଚ୍ଚଶିକ୍ଷା ବିଭାଗର କୌଣସି ଅଧିକାରୀ ନଥିଲେ ।

ରାଜ୍ୟ ସ୍ତରରେ ଡିବିଟି ଯୋଜନା କାର୍ଯ୍ୟକାରୀ କରିବାରେ ରାଜ୍ୟ ଡିବିଟି ସେଲ୍ ଦ୍ୱାରା କୌଣସି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇନଥିଲା ଯେଉଁମାନେ ରାଜ୍ୟରେ ନିମ୍ନ ସ୍ତରରେ ଡିବିଟି ଯୋଜନା କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ପର୍ଯ୍ୟାପ୍ତ ଦକ୍ଷତା ବିକାଶ ପଦକ୍ଷେପ ଗୁଡ଼ିକର ଅନୁପସ୍ଥିତିରେ ହିତାଧିକାରୀଙ୍କ କଭରେଜ୍ ଆବେଦନଗୁଡ଼ିକର ତ୍ରୁଟିପୂର୍ଣ୍ଣ ଯାଞ୍ଚ ପ୍ରକ୍ରିୟାକରଣରେ ବିଳମ୍ବ ଇତ୍ୟାଦି ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକ ବଳବତ୍ତର ରହିଲା । ଏହା ବ୍ୟତୀତ ଲାଭ ବିତରଣରେ ଗଳନ ଜାରି ରହିଥିଲା ଯାହା ପରବର୍ତ୍ତୀ ଅଧ୍ୟାୟରେ ଆଲୋଚନା ହୋଇଅଛି ।

---

19 ବୈଷୟିକ, ଅଣ-ବୈଷୟିକ, ଆର୍ଥିକ ଏବଂ ପ୍ରଶାସନିକ ଦିଗଗୁଡ଼ିକ

20 ଏସ୍ଏସ୍‌ଡି ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଖାଦ୍ୟ ଯୋଗାଣ ଏବଂ ଉପଭୋକ୍ତା କଲ୍ୟାଣ ବିଭାଗ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଏବଂ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ

ରାଜ୍ୟ ଡିବିଟି ସେଲ୍ ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ ଭବିଷ୍ୟତରେ ଅଧିକ ସଂଖ୍ୟକ ତାଲିମ କାର୍ଯ୍ୟକ୍ରମ କରାଯିବ।

***ସୁପାରିଶ 3.3:***
***ଡିବିଟିର ସୁଗମ କାର୍ଯ୍ୟାନ୍ୱୟନରେ ସୃଷ୍ଟ ବାଧା ତଥା ପ୍ରଦାନକାରୀ ବ୍ୟବସ୍ଥାର ଅଭାବ ଉପରେ ଧ୍ୟାନ ଦେବା ନିମନ୍ତେ ନିୟମିତ ବୈଠକ ମାଧ୍ୟମରେ ନିୟମିତ ପର୍ଯ୍ୟାଲୋଚନା ହେବା ଉଚିତ୍ । ଡିବିଟିର କାର୍ଯ୍ୟାନ୍ୱୟନ ସହିତ ଜଡ଼ିତ ବିଭିନ୍ନ ସ୍ତରର ଅଧିକାରୀମାନଙ୍କୁ, ପ୍ରାଥମିକ ସ୍ତରରେ ଡିବିଟି ଯୋଜନାଗୁଡ଼ିକର ପ୍ରଭାବୀ କାର୍ଯ୍ୟକାରିତା ପାଇଁ ଯଥେଷ୍ଟ ତାଲିମ୍ ଦିଆଯିବା ଉଚିତ୍ ।***

## 3.4 ରାଜ୍ୟ ଡିବିଟି ପୋର୍ଟାଲରେ ସ୍କିମ୍ ତଥ୍ୟର ଏକତ୍ରୀକରଣ

ଡିବିଟି ନିର୍ଦ୍ଦେଶାବଳୀ ଅନୁଯାୟୀ ରାଜ୍ୟ ଡିବିଟି ସେଲ୍ ଡିବିଟି ଭାରତ ପୋର୍ଟାଲରେ ରାଜ୍ୟ ପୃଷ୍ଠାକୁ ବ୍ୟବହାର କରିପାରିବ ଏବଂ ସ୍କିମ୍ ଅନୁଯାୟୀ ଏକତ୍ରିତ ତଥ୍ୟ ମାସିକ ଭିତ୍ତିରେ ଅପଲୋଡ୍ କରିବ କିମ୍ବା ଯଦି ରାଜ୍ୟ, ନିଜସ୍ୱ ପୋର୍ଟାଲ ବିକଶିତ କରିଛି, ତେବେ ଡିବିଟି ଭାରତ ପୋର୍ଟାଲରେ ତାହା ସମନ୍ୱିତ ହେବା ଆବଶ୍ୟକ।

ଏହା ଦେଖାଗଲା ଯେ ପ୍ରେରଣା ଏବଂ ଇ-ମେଧାବୃତ୍ତି ସଫ୍ଟୱେୟାରରୁ ରାଜ୍ୟ ଡିବିଟି ପୋର୍ଟାଲ ସହିତ ଏକୀକରଣ ହୋଇଥିବା ତଥ୍ୟ ରାଜ୍ୟ ଡିବିଟି ପୋର୍ଟାଲରେ ଉପଲବ୍ଧ ତଥ୍ୟ ସହିତ ସମାନ ନଥିଲା, ଯାହା ନିମ୍ନ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

### 3.4.1 ରାଜ୍ୟ ଡିବିଟି ପୋର୍ଟାଲରେ ପିଏମ୍ଏସ୍ ଏବଂ ମେଧାବୃତ୍ତିର ସଠିକ୍ ସଫଳତାର ପ୍ରତିଫଳନ ନହେବା

ଡିବିଟି କାର୍ଯ୍ୟାନ୍ୱୟନର ଏକ ଅଂଶ ଭାବରେ ଓଡ଼ିଶା ରାଜ୍ୟ ଡିବିଟି ପୋର୍ଟାଲ ଏକ ଘରୋଇ ସଂସ୍ଥା ଦ୍ୱାରା ବିକଶିତ ହୋଇଥିଲା ଏବଂ ସର୍ଭରକୁ ରାଜ୍ୟ ତଥ୍ୟ କେନ୍ଦ୍ରର କାର୍ଯ୍ୟସ୍ଥଳ, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ କେନ୍ଦ୍ର (ଓକାକ୍) ଭୁବନେଶ୍ୱରରେ ରଖାଯାଇଥିଲା ଏବଂ ମାର୍ଚ୍ଚ 2021 ସୁଦ୍ଧା ରାଜ୍ୟ ପୋର୍ଟାଲରେ 22 ଟି ସ୍କିମ୍ ଉପସ୍ଥାପନା କରାଯାଇଥିଲା (ସ୍କିମ୍ ଡାଟାବେସ୍ ଷ୍ଟେଟ୍ ଡିବିଟି ପୋର୍ଟାଲ ସହିତ ଏକୀକୃତ) ହୋଇଥିଲା।

ତଥ୍ୟର ପ୍ରବାହକୁ ସୁନିଶ୍ଚିତ କରିବା ପାଇଁ ବିଶେଷ କରି ହିତାଧିକାରୀଙ୍କ ସଂଖ୍ୟା ଏବଂ ଗୋଟିଏ ମାସରେ ଦିଆଯାଇଥିବା ପରିମାଣକୁ, ସୁନିଶ୍ଚିତ କରିବା ପାଇଁ ଏସ୍ଏସ୍ଡି ପ୍ରେରଣା ଏମ୍ଆଇଏସ୍ ସଫ୍ଟୱେୟାରରେ ମଇ 2018 ରେ ଏବଂ ଇ-ମେଧାବୃତ୍ତି ଜୁନ୍ 2019 ରେ ଏକୀକୃତ ହୋଇଥିଲା। ଏହା ପରବର୍ତ୍ତୀ ମାସର ଦଶମ ଦିନରେ ଅପଡେଟ୍ ହୋଇଥିଲା ଏବଂ ଏହାର ପାଞ୍ଚ ଦିନ ପରେ ଡିବିଟି ଭାରତ ପୋର୍ଟାଲରେ ଅପ୍‌ଡେଟ୍ ହୋଇଥିଲା। ରାଜ୍ୟ ଡିବିଟି ପୋର୍ଟାଲ ସହିତ ଓଏସ୍ଏସ୍‌ପିର ଏକୀକରଣ ଅଗଷ୍ଟ 2021 ପର୍ଯ୍ୟନ୍ତ ହୋଇନଥିଲା।

ଏସ୍ଏସ୍ଡି, ଏଚ୍ଇଡି ଏବଂ ଏସ୍ଡିସି ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟର ବିଶ୍ଳେଷଣ କରି ଏହା ଲକ୍ଷ୍ୟ କରାଯାଇଛି ଯେ ବିଭାଗ ଏବଂ ଡିବିଟି ପୋର୍ଟାଲର ରିପୋର୍ଟ ଅନୁଯାୟୀ ହିତାଧିକାରୀଙ୍କ ସଂଖ୍ୟା ଏବଂ ପ୍ରଦାନ କରାଯାଇଥିବା ଅର୍ଥ ମେଳ ଖାଇନଥିଲା ଏବଂ ଦୁଇଟି ରିପୋର୍ଟ ମଧ୍ୟରେ ଯଥେଷ୍ଟ ବ୍ୟବଧାନ ରହିଥିଲା । ଏହି ପରିପ୍ରେକ୍ଷୀରେ ସବିଶେଷ ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 3.2:*** *ରାଜ୍ୟ ଡିବିଟ ପୋର୍ଟାଲ ଅନୁଯାୟୀ ପିଏମ୍ଏସ୍ ଏବଂ ମେଧାବୃତ୍ତିର ଭୌତିକ ଏବଂ ଆର୍ଥିକ ବିବରଣୀ*

| ବିଭାଗର ନାମ | ଯୋଜନାର ନାମ | 2017-18 | | 2018-19 | | 2019-20 | | 2020-21 | |
|---|---|---|---|---|---|---|---|---|---|
| | ଯୋଜନାର ନାମ | ସକ୍ରିୟ ହିତାଧିକାରୀ | ମୋଟ ବିତରଣ | ସକ୍ରିୟ ହିତାଧିକାରୀ | ମୋଟ ବିତରଣ | ସକ୍ରିୟ ହିତାଧିକାରୀ | ମୋଟ ବିତରଣ | ସକ୍ରିୟ ହିତାଧିକାରୀ | ମୋଟ ବିତରଣ |
| ଏସ୍ଏସ୍ଡି | ଇବିସି | 2017-18 ଅବଧିରେ ଏସ୍ଡିପିର ବିକାଶ ହୋଇନାହିଁ | | 920 | 26 | 0 | 0 | 0 | 0 |
| | ଓବିସି | | | 1,38,023 | 3,789 | 0 | 0 | 0 | 0 |
| | ଏସ୍ସି | | | 2,19,741 | 36,482 | 96,144 | 16,875 | 0 | 0 |
| | ଏସ୍ଟି | | | 2,01,403 | 26,128 | 1,25,867 | 17,533 | 0 | 0 |
| ଏଚ୍ଇଡି | ମେଧାବୃତ୍ତି | | | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | 6,186 | 476 | 0 | 0 |

*(ଉତ୍ସ: ରାଜ୍ୟ ଡିବିଟି ସେଲ୍ ଦ୍ୱାରା ଦିଆଯାଇଥିବା ସୂଚନା)*

*ସାରଣୀ 3.3: ଏସ୍ଏସ୍ଡି ଓ ଏଚ୍ଇ ବିଭାଗର ସୂଚନା ଅନୁଯାୟୀ ପିଏମ୍ଏସ୍ ଏବଂ ମେଧାବୃତ୍ତିର ଭୌତିକ ଓ ଆର୍ଥିକ ବିବରଣୀ*

| ବିଭାଗର ନାମ | ଯୋଜନାର ନାମ | 2017-18 | | 2018-19 | | 2019-20 | | 2020-21 | |
|---|---|---|---|---|---|---|---|---|---|
| | ଯୋଜନାର ନାମ | ସକ୍ରିୟ ହିତାଧିକାରୀ | ମୋଟ ବିତରଣ | ସକ୍ରିୟ ହିତାଧିକାରୀ | ମୋଟ ବିତରଣ | ସକ୍ରିୟ ହିତାଧିକାରୀ | ମୋଟ ବିତରଣ | ସକ୍ରିୟ ହିତାଧିକାରୀ | ମୋଟ ବିତରଣ |
| ଏସ୍ଏସ୍ଡି | ଇବିସି | 97 | 2.01 | 923 | 26.31 | 1,153 | 108.13 | 3,702 | 277.22 |
| | ଓବିସି | 1,79,794 | 34,001.19 | 2,10,866 | 3,789.07 | 1,14,935 | 4,525.74 | 1,07,925 | 5,685.32 |
| | ଏସ୍ସି | 1,84,883 | 25,251.60 | 2,27,412 | 37,926.53 | 1,66,400 | 29,794.09 | 1,67,702 | 31,749.92 |
| | ଏସ୍ଟି | 1,86,061 | 20,611.20 | 2,10,866 | 27,329.68 | 1,68,449 | 22,753.01 | 1,67,241 | 23,118.73 |
| ଏଚ୍ଇଡି | ମେଧାବୃତ୍ତି | 35,148 | 2,429.15 | 25,702 | 1,720.70 | 29,634 | 3,188.49 | 0 | 0 |

***(ଉତ୍ସ: ଏସ୍ଏସ୍ଡି ଏବଂ ଏଚ୍ଇଡି ଦ୍ୱାରା ପ୍ରଦାନ କରାଯାଇଥିବା ଆଇଏଫ୍ଏମ୍ଏସ୍ ଦେୟ ସୂଚନା)***

ଉପରୋକ୍ତ ଦୁଇଟି ସାରଣୀର ତଥ୍ୟର ବିଶ୍ଳେଷଣରୁ ଏହା ଦେଖାଗଲା ଯେ ଆଇଏଫ୍ଏମ୍ଏସ୍ ରେ ଦର୍ଶାଯାଇଥିବା ଦେୟ ଏବଂ ରାଜ୍ୟ ଡିବିଟି ପୋର୍ଟାଲରେ ଅଦ୍ୟତନ ହୋଇଥିବା ତଥ୍ୟ ମଧ୍ୟରେ ସଂଖ୍ୟାଗୁଡ଼ିକର ମେଳ ଖାଇ ନଥିଲା । ଏହି ପରିପ୍ରେକ୍ଷୀରେ, ପ୍ରେରଣାର ସାରଣୀ ଏବଂ ମେଧାବୃତ୍ତିର ଡାଟାବେସ୍‌ର, ଯାହାକି ରାଜ୍ୟ ଡିବିଟି ପୋର୍ଟାଲରେ ଅଦ୍ୟତନ ପାଇଁ ତଥ୍ୟ ସଂଗ୍ରହ କରିଥାଏ, ଏକୀକରଣର ସବିଶେଷ ବିବରଣୀ ପ୍ରଦାନ ପାଇଁ ଏସ୍ଡିସିରୁ ଡକୁମେଣ୍ଟ ଗୁଡ଼ିକ ମଗାଯାଇଥିଲା । କିନ୍ତୁ, ବାରମ୍ବାର ଅନୁରୋଧ ସତ୍ତ୍ୱେ ଅଡିଟ୍ ପାଇଁ ତାହା ପ୍ରଦାନ କରାଯାଇ ନଥିଲା ।

ଏହା ଲକ୍ଷ୍ୟ କରାଯାଇଥିଲା ଯେ, ଉପରୋକ୍ତ ସାରଣୀ ଗୁଡ଼ିକର ଅସମାନତା ବୃତ୍ତି ପାଇଁ ଆବେଦନ ଗୁଡ଼କର ଅନୁମୋଦନ ନହେବା (ଯାହାକି ଡିଡବ୍ଲୁଓଙ୍କ ଦ୍ୱାରା ଅନୁମୋଦନ ଏବଂ ମଞ୍ଜୁର କରାଯାଇଥିଲା), ଏସ୍ଏସ୍ଡି ବିଭାଗ ଦ୍ୱାରା, ନକଲ/ ଅନ୍ୟାନ୍ୟ କାରଣ ଯୋଗୁଁ ଦେଖାଯାଇଥିଲା । ଏହା ମଧ ଲକ୍ଷ୍ୟ କରାଯାଇଥିଲା ଯେ ପ୍ରେରଣାରେ ହିତାଧିକାରୀଙ୍କ ଅନୁମୋଦିତ ତାଲିକା ରହିଛି କିନ୍ତୁ ସମସ୍ତ ହିତାଧିକାରୀଙ୍କୁ ବର୍ଷକ ମଧ୍ୟରେ ଦେୟ ପ୍ରଦାନ କରାଯାଇନଥିଲା । ଯାହାଫଳରେ, ତଥ୍ୟରେ ଅସମାନତା ଗୁଡ଼ିକ ଥିଲା ।

ଆହୁରି ମଧ, ଏସ୍ଡିପି ସହିତ ଓଏସ୍ଏସ୍ପି ଏକୀକରଣ ମାର୍ଚ୍ଚ 2021 ସୁଦ୍ଧା ହୋଇ ନଥିଲା, ଫଳସ୍ୱରୂପ ଏସ୍ଡିପିରେ ତଥ୍ୟ ଅପ୍‌ଡେଟ୍ ହୋଇନଥିଲା । ଏହିପରି ଡିବିଟିର ଅବାସ୍ତବ ସୂଚନା ଭାରତ ଡିବିଟି ପୋର୍ଟାଲରେ ଅପ୍‌ଡେଟ୍ ହୋଇଥିଲା ।

***ସୁପାରିଶ 3.4:***

***ଯୋଜନା ସଫ୍ଟୱେୟାର ଦେୟ ପ୍ରଦାନ ତଥ୍ୟକୁ ରାଜ୍ୟ ଡିବିଟି ପୋର୍ଟାଲ୍ ସହିତ ସଠିକ୍ ଭାବରେ ଏବଂ ଠିକ୍ ସମୟ ଭିତ୍ତିରେ ଏକତ୍ରୀକରଣ ପାଇଁ ଏସ୍ଡିସି/ ଏସ୍ଏସି ପଦକ୍ଷେପ ନେବା ଉଚିତ୍ ।***